## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

**ଆସିକା, ୨୪।୧୧(ଡି.ଏନ୍.ଏ.):** ଆସିକା ଥାନା ମାମୁଁଡିହ ଗ୍ରାମରୁ ଶନିବାର ପୋଲିସ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ସେହି ଗ୍ରାମର ତ୍ରିଲୋଚନ ମହାନ୍ତି (୬୦)। ଘରେ ଏକାକୀ ରହୁଥିବା ତ୍ରିଲୋଚନ ଫ୍ୟାନ୍ ହୁକ୍‌ରେ ରଶିରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଆସିକା ଥାନାରେ ନଂ.୨୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ତେବେ ଏହି ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ପଥରପୁଞ୍ଜିରେ ୧୨ ବଖରା ଜଳିଗଲା



**ଶେରଗଡ,୨୪।୧୧(ଡି.ଏନ୍.ଏ.):** ପଥରପୁଞ୍ଜି ଗ୍ରାମ ହରିଜନସାହିରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ନିଆଁ ଲାଗି ୧୨ ପରିବାରର ୧୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ପରିବାରର ସଦସ୍ୟମାନେ ଧାନ କାଟିବାକୁ ଯାଇଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗୋଟିଏ ଘରେ ନିଆଁ ଲାଗିବାରୁ ପାଖରେ ଥିବା ଚାଳ ଘର ଗୁଡିକୁ ବ୍ୟାପି ଯାଇଥିଲା। ଘରେ କେହି ନ ଥିବାରୁ କୌଣସି ସାମଗ୍ରୀ ଉଦ୍ଧାର ହୋଇ ପାରି ନ ଥିଲା। ଖବର ପାଇ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ପହଞ୍ଚି ବିପନ୍ନଙ୍କୁ ଜରିପାଲ ବଣ୍ଟନ କରିଥିଲେ। ଲକ୍ଷ୍ମୀ ସ୍ୱାଇଁ, ଭରତ ଗୌଡ, ଭବାନୀ ଗୌଡ, ଗଦାଧର ଗୌଡ, କରୁଣାକର ଗୌଡ, ମଧୁସୂଦନ ଗୌଡ, ପ୍ରମୋଦ ଗୌଡ, କାହ୍ନୁଚରଣ ଗୌଡ, ପଞ୍ଚୁନାଥ ଗୌଡ, ଲୋକନାଥ ଗୌଡ, ଗଦାଧର ଗୌଡ, ମାଝି ଗୌଡଙ୍କ ଗୋଟିଏ ଲେଖାଏ ବଖରା ପୋଡିଯାଇଛି।

### ବୁଗୁଡ଼ା ବ୍ଲକସ୍ତରୀୟ ଶିଶୁ ଉତ୍ସବ



**ବୁଗୁଡ଼ା,୨୪।୧୧(ଡି.ଏନ.ଏ.):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବୁଗୁଡ଼ା ବ୍ଲକ ପକ୍ଷରୁ ବୁଗୁଡ଼ା ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ସ୍ଥାନୀୟ ବୁଦ୍ଧଗିରି ବିଦ୍ୟାପୀଠରେ ଅମର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସେନାପତି, ମୁଖ୍ୟବକ୍ତା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ଉପସଭାପତି ଡ. ବିଜୟ ଚନ୍ଦ୍ର ମହାରଣା, ସୂର୍ଯ୍ୟମଣି ମହାନ୍ତି, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସ୍ୱରୂପ ରଞ୍ଜନ ମହାନ୍ତି ପ୍ରମୁଖ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ଉପରେ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ। ଶେଷରେ ସ୍ୱରୂପ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ

# ଡିଜିଟାଲ ଏକ୍ସ-ରେ ସେବାର ଶୁଭାରମ୍ଭ

### ସୁଦୃଢ ହେଉଛି ଭିତ୍ତିଭୂମି, ପୂରଣ ହେଉନି ଖାଲିଥିବା ଡାକ୍ତର ପଦବୀ

**ଭଞ୍ଜନଗର,୨୪।୧୧(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ହସ୍‌ପିଟାଲକୁ ଦୈନନ୍ଦିନ ଜିଲା ହସ୍‌ପିଟାଲ ଅପେକ୍ଷା ଅଧିକ ରୋଗୀ ଆସୁଛନ୍ତି। ରୋଗୀଙ୍କ ଚାହିଦାକୁ ଦେଖି ଏଠାରେ ଆବଶ୍ୟକ ଡାକ୍ତର ନାହାନ୍ତି। ଯେଉଁଥିପାଇଁ ରୋଗୀ ସେବାରେ ଅଧିକାଂଶ ସମୟରେ ବାଧା ସୃଷ୍ଟି ହେଉଛି। ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି, ଫଳରେ ସେବା ନ ପାଇ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି। ଅନ୍ୟପଟେ ହସ୍ପିଟାଲର ଭିତ୍ତିଭୂମି ପୁର୍ବାପେକ୍ଷା ସୁଦୃଢ କରାଯାଉଛି। ନୂଆ କୋଠା ନିର୍ମାଣ ଚାଲିଛି। ବର୍ଷବର୍ଷ ଧରି ବନ୍ଦ ହୋଇଥିବା ଅଲଟ୍ରାସାଉଣ୍ଡ ମେଶିନ୍‌ଟିକୁ କିଛି ଦିନ ପୂର୍ବେ କାର୍ଯ୍ୟକ୍ଷମ କରାଗଲା। ଫଳରେ ଗର୍ଭବତୀମାନେ ମାଗଣାରେ ଅଲଟ୍ରାସାଉଣ୍ଡ କରିପାରିବେ। ଶନିବାର ଡିଜିଟାଲ ଏକ୍ସରେ ମେଶିନର ଉଦ୍‌ଘାଟନ ହୋଇଛି। ଏହାଦ୍ୱାରା ରୋଗୀମାନେ ମାଗଣା ଏକ୍ସରେର ସୁବିଧା ପାଇବେ। ମେଡିକାଲ ଅଧୀକ୍ଷକ ଡ. ପୀତାମ୍ବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ



ଏକ୍ସ-ରେ ମେଶିନ୍ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ମନୋଜ ପଣ୍ଡା, ଫାର୍ମାସିଷ୍ଟ ସୀମାଞ୍ଚଳ ଦାସ, ଚକ୍ଷୁ ୱାର୍ଡ ଅଧିକାରୀ ପ୍ରଶାନ୍ତ ମହାନ୍ତି, ମେଡିକାଲ ପରିଚାଳକ ବିଚିତ୍ରାନନ୍ଦ ପାଣିଗ୍ରାହୀ, ଏକ୍ସରେ କର୍ମଚାରୀ ଦେବବ୍ରତ ଦତ୍ତ, କଲ୍ୟାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଭଞ୍ଜନଗର ଉପଖଣ୍ଡ ହସପିଟାଲ ୮୦ ଶଯ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ୧୨୦ ଶଯ୍ୟା ସୁବିଧା ରୋଗୀଙ୍କୁ ଦିଆଯାଉଛି। କନ୍ଧମାଳ ଓ ନୟାଗଡ ଜିଲା ସୀମାବର୍ତ୍ତୀ ଅଞ୍ଚଳର ରୋଗୀମାନେ ଏହି ହସ୍‌ପିଟାଲ ଉପରେ ନିର୍ଭର କରିଥାନ୍ତି। ତେଣୁ ରୋଗୀସଂଖ୍ୟା ଅନ୍ୟ ଜିଲା ହସ୍‌ପିଟାଲ ଅପେକ୍ଷା ଏଠାରେ ଅଧିକ। ଏହାକୁ ଆଖି ଆଗରେ ରଖି ସରକାରଙ୍କ ପକ୍ଷରୁ କିଛିମାସ ପୂର୍ବେ ହସ୍‌ପିଟାଲ ସମସ୍ତ ପଦବୀ ସଂଖ୍ୟା ବୃଦ୍ଧି କରାଗଲା। ଡାକ୍ତର ସଂଖ୍ୟା ୧୪ରୁ ୨୩କୁ ବୃଦ୍ଧି କରାଗଲା। ଏଥିସହ ଏସ୍‌ଡିଏମ୍‌ଓ ବଦଳରେ ମେଡିକାଲ ଅଧୀକ୍ଷକ ପଦବୀ ସୃଷ୍ଟି କରାଗଲା। ବର୍ତ୍ତମାନ ୨୩ ଜଣ ଡାକ୍ତର ବଦଳରେ ମାତ୍ର ୧୧ଜଣ ଅଛନ୍ତି। ଷ୍ଟାଫ୍ ନର୍ସ ୩୦ଟି ପଦବୀ ଖାଲିପଡିଛି। ସ୍ୱତନ୍ତ୍ର କ୍ୟାବିନଗୁଡିକ ବାରମ୍ବାର ଅଚଳ ହେଉଛି। ଇତିମଧ୍ୟରେ ୨ଟି କ୍ୟାବିନ୍ ଅଚଳ ଅଛି। ଶୌଚାଳୟ ଠିକ୍ ଭାବେ ସଫେଇ ହେଉନାହିଁ। ଫଳରେ ରୋଗୀସେବା ଗୁରୁତରଭାବେ ପ୍ରଭାବିତ ହେଉଛି। ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନେବା ପାଇଁ କର୍ମଚାରୀ ନାହାନ୍ତି। ତେଣୁ ଭଞ୍ଜନଗର ହସ୍‌ପିଟାଲରେ ଖାଲିଥିବା ପଦବୀ ତୁରନ୍ତ ପୂରଣ ପାଇଁ ଦାବି ହୋଇଛି।

## କୁନି କୁନି ପିଲାଙ୍କୁ ନେଇ ବୁଗିବୁଗି କାର୍ଯ୍ୟକ୍ରମ



ବିଜୟୀ କୁନି କୁନି ପିଲାଙ୍କ ସହ ଅତିଥି।

**ଗଞ୍ଜାମ,୨୪।୧୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ କାଇଁଚପୁର କୈବର୍ତ୍ତ ସାହିରେ କୁନି କୁନି ପିଲାମାନଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ବୁଗିବୁଗି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ଜଣ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଥାନାଧିକାରୀ ଅନିଲ କୁମାର ମାହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର ତରାଇ, ଯାଜପୁର ଜିଲା କୋରେଇ ବ୍ଲକ ସହକାରୀ ଯନ୍ତ୍ରୀ ନେହେରୁ ବେହେରା, ଗୋବିନ୍ଦ ରେଡ୍ଡୀ, ଶ୍ୟାମା ରେଡ୍ଡୀ, ସନାତନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଉମାକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଲିସା ବେହେରା ପ୍ରଥମ, ଲିପୁ ବେହେରା ଦ୍ୱିତୀୟ, ଜ୍ୟୋତ୍ସ୍ନା ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ୪ଜଣ ମୃଦଙ୍ଗ ବାଦକଙ୍କୁ ସମ୍ମାନିତ କରାଯାଇଥିଲା।

## ଛତ୍ରପୁର ସବ୍‌ଜେଲର ଅନ୍ତେବାସୀ ଅସୁସ୍ଥ

**ଛତ୍ରପୁର,୨୪।୧୧(ଡି.ଏନ.ଏ.)**

ଛତ୍ରପୁର ସବ୍‌ଜେଲର ଅସୁସ୍ଥ ଜଣେ ବିଚାରାଧୀନ ଅନ୍ତେବାସୀଙ୍କୁ ଶନିବାର ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ କୋଦଳା ଥାନା ବିଞ୍ଝଣାପଲ୍ଲୀ ଗାଁର ଭନ ଖଟେଇ। ପ୍ରକାଶ ଯେ, ୨୦୧୭ ସେପ୍ଟେମ୍ବର ୬ରେ ଏନ୍‌ଡିପିଏସ ମାମଲାରେ ଗିରଫ ହୋଇ ସେ ଛତ୍ରପୁର ସବ୍‌ଜେଲକୁ ଆସିଥିଲେ। ଗତ ୪ଦିନ ପୂର୍ବେ ପେଟବ୍ୟଥା ହେଉଥିବାରୁ ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ରାସ୍ତା ନିର୍ମାଣ ଦାବିରେ ଆନ୍ଦୋଳନ ନିଷ୍ପତ୍ତି

**ପୁରୁଷୋତ୍ତମପୁର,୨୪।୧୧(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ସହରର ମୁଖ୍ୟରାସ୍ତା ଦୀର୍ଘ ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ପଡ଼ିଥିବାବେଳେ ଏହାର ପ୍ରଶସ୍ତିକରଣ କରାଯାଉନଥିବା ପ୍ରତିବାଦରେ ପୁରୁଷୋତ୍ତମପୁର କପିଳେଶ୍ୱର ବଣିକ ସଂଘ ପକ୍ଷରୁ ସୋମବାର ଆନ୍ଦୋଳନ ଡାକରା ଦିଆଯାଇଛି। ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳ, ପୂର୍ତ୍ତବିଭାଗୀୟ ନିର୍ବାହୀଯନ୍ତ୍ରୀ, ପୁରୁଷୋତ୍ତମପୁର ପୋଲିସ ଓ ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ୨ ବର୍ଷ ହେବ ଆସ୍କା-ହୁମ୍ମା ପୂର୍ତ୍ତବିଭାଗୀୟ ରାସ୍ତାଟି ନିର୍ମାଣ କରିବାନାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏଥିରେ ବହୁ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଗତ ସପ୍ତାହରେ ପ୍ରଶାସନ ପୁଣି ଉଚ୍ଛେଦ ପ୍ରକ୍ରିୟା କରିଥିଲେ ଏବଂ ରାସ୍ତା ପ୍ରସସ୍ତିକରଣ ଆଶାରେ ଜନସାଧାରଣ ଏହାକୁ ସହଯୋଗ କରିଥିଲେ। ତିତ୍‌ଲି ବାତ୍ୟାରେ ରାସ୍ତାଟି ପୂରା ଭାଙ୍ଗିଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। କିନ୍ତୁ ପ୍ରଶାସନୀକ ଅଧିକାରୀଙ୍କଠାରେ ବାରମ୍ବାର ଦାବି ସତ୍ତ୍ୱେ ଦୃଷ୍ଟି ଦେଉନଥିବାରୁ ଏହାର ପ୍ରତିବାଦରେ ସଂଘ ଆନ୍ଦୋଳନ ଡାକରା ଦେଇଥିବା ସଂଘ ସମ୍ପାଦକ ମନୋରଞ୍ଜନ ଦାଶ କହିଛନ୍ତି।

## ଭାଜପାର ଜନପରାମର୍ଶ ପଦଯାତ୍ରା ପ୍ରସ୍ତୁତି ବୈଠକ

**ଧରାକୋଟ,୨୪।୧୧(ଡି.ଏନ୍.ଏ.)**

ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଧରାକୋଟ ପୁଟୁ ଗ୍ରାମସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାନଖେମୁଣ୍ଡି ଭାଜପା ଓବିସି ସାଧାରଣ ସମ୍ପାଦକ ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ରେ ଏହି ପଦଯାତ୍ରା ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତରୁ ଆରମ୍ଭ ହେବା ସହ ବ୍ଲକର ୧୮ଟି ପଞ୍ଚାୟତରେ ଅନୁଷ୍ଠିତ ହେବ। ଭାଜପା ନେତା ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ସମସ୍ୟା, ଗାଁର ବିକାଶ, ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା, ବିଜେଡିର ଦୁର୍ନୀତି ଉପରେ ଦୃଷ୍ଟି ଆକର୍ଷଣ କରାଯିବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି ସ୍ୱାଇଁ କହିଥିଲେ। ବୈଠକରେ ବ୍ଲକର ବହୁ ଛାମୁଆ ନେତା ଓ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ।

## ମଡେଲ ସ୍କୁଲ ଛାତ୍ରୀନିବାସ ଉଦ୍‌ଘାଟିତ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୋପାଳପୁର,୨୪।୧୧**

ରଙ୍ଗେଇଲୁଣ୍ଡା ବ୍ଲକ କରାପଲ୍ଲୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ସମ୍ମାନିତ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତି କୁମାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀନିବାସରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀମାନେ ମାଗଣାରେ ରହିବା, ଖାଇବା ବ୍ୟବସ୍ଥା ରହିଥିବା ବେଳେ ଅନ୍ୟ ଛାତ୍ରୀଙ୍କ ଖାଇବା ଖର୍ଚ୍ଚ ନିଆଯିବ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ୧୧ଟି ଗ୍ରାମରେ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ପାଣିଗ୍ରାହୀ ହାତୀପାଦ, କମଳାପୁର, ନୂଆ ଖଜୁରିଆ ଓ ବୁରୁକୁଦିରେ ଜଳ ଯୋଗାଣ ପ୍ରକଳ୍ପର ଓଭର୍‌ହେଡ ଟ୍ୟାଙ୍କର ଉଦ୍‌ଘାଟନ ସହ ପୁରୁଣା କଦରପଲ୍ଲୀରେ ଓଭରହେଡ ଟ୍ୟାଙ୍କର ଶିଳାନ୍ୟାସ କରିଥିଲେ। ଗୋଳାବନ୍ଧ, ନୂଆ କମଳାପୁର, ଗଉଞ୍ଜୁ, ଆରୁଆପଲ୍ଲୀ, ଫୁଲଟା ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରର ଉନ୍ନତୀକରଣ ପାଇଁ ଶିଳାନ୍ୟାସ ହୋଇଥିଲା। ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ରବୀନ୍ଦ୍ର ଚୌଧୁରୀ, ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏକ ରାଷ୍ଟ୍ର ଟିକସ ବଜାର
ଜିଏସ୍‌ଟି ଅଧୀନରେ ସ୍ୱଳ୍ପତର ଦାମ୍
ଉପଭୋକ୍ତାଙ୍କ ହିତ ପାଇଁ
ଲା ଭ ଖୋ ରୀ ନି ରୋ ଧୀ
ପଦକ୍ଷେପ
ଜିଏସ୍‌ଟି ଅଧୀନରେ ସାମଗ୍ରୀ ଓ ସେବାର ସ୍ୱଳ୍ପତର ମୂଲ୍ୟର ଲାଭ ଯେପରି ଉପଭୋକ୍ତା ପାଆନ୍ତି ଏହା ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।
ଜିଏସ୍‌ଟି ଅଧୀନରେ, ସାମଗ୍ରୀ ଏବଂ ସେବାର ଯୋଗାଣକାରୀ ଟିକସ ଦରରେ କୌଣସି ହ୍ରାସ କିମ୍ବା ଇନ୍‌ପୁଟ ଟିକସ କ୍ରେଡିଟ୍‌ର ଲାଭକୁ ସମାନ ଅନୁପାତରେ ସେମାନଙ୍କ ସାମଗ୍ରୀ କିମ୍ବା ସେବାର ମୂଲ୍ୟ ହ୍ରାସ କରି ଗ୍ରାହକ ବା ପ୍ରାପ୍ତକଙ୍କୁ ପହଞ୍ଚାଇବା ଜରୁରୀ। ଅନ୍ୟଥା ଏହା "**ଲାଭଖୋରୀ**"ର ପରିସରଭୁକ୍ତ ହେବ।
ଲାଭଖୋରୀ ମାମଲାରେ, ପୀଡ଼ିତ ଉପଭୋକ୍ତା କିମ୍ବା ପ୍ରାପ୍ତକ ନିମ୍ନଲିଖିତ ଯେକୌଣସି ଉପାୟରେ ନିଜର ଅଭିଯୋଗ ଦାଏର କରିପାରିବେ:-
ଅନ୍‌ଲାଇନ୍‌ରେ ଅଭିଯୋଗ www.naa.gov.in ରେ
ଇମେଲ୍ କରନ୍ତୁ secretary.naa@gov.in କିମ୍ବା sc.antiprofiteering@gov.inକୁ
ଅଭିଯୋଗଗୁଡ଼ିକ ଡାକ ଯୋଗେ ମଧ ପଠାଯାଇପାରିବ:-
ଏନ୍‌ଏଏ ହେଲ୍‌ପଲାଇନ୍ ନମ୍ବର: ୦୧୧-୨୧୪୦୦୬୪୩ (କାର୍ଯ୍ୟଦିବସ ସମୟରେ)
ଜାତୀୟ ଅଣ-ଲାଭଖୋରୀ କର୍ତ୍ତୃପକ୍ଷ, ୬ଷ୍ଠ ମହଲା, ଟାୱାର୍ ୱାନ୍, ଜୀବନ ଭାରତୀ, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧
ଷ୍ଟାଣ୍ଡିଂ କମିଟି, ଅଣ-ଲାଭଖୋରୀ ମହାନିର୍ଦ୍ଦେଶାଳୟ, ୨ୟ ମହଲା, ଭାଇ ବୀର ସିଂ ସାହିତ୍ୟ ସଦନ, ଭାଇ ବୀର ସିଂ ମାର୍ଗ, ଗୋଲ ମାର୍କେଟ, ନୂଆଦିଲ୍ଲୀ - ୧୧୦୦୦୧
ରାଜ୍ୟ ସ୍କ୍ରିନିଂ କମିଟି: ଯୋଗାଯୋଗ ବିବରଣୀ www.naa.gov.inରେ ଦେଖାଯାଇପାରିବ
ଉପଭୋକ୍ତାଙ୍କ ସ୍ୱାର୍ଥରେ ଲାଭଖୋରୀର ପ୍ରତିରୋଧ ପାଇଁ, ଜାତୀୟ ଲାଭଖୋରୀ ନିରୋଧୀ ପ୍ରାଧିକରଣ ନିମ୍ନଲିଖିତ ଆଦେଶ ଦେଇପାରନ୍ତି:-
- ମୂଲ୍ୟ ହ୍ରାସ କରିବା
- ଜରିମାନା ଲାଗୁ କରିବା
- ପ୍ରାପ୍ତକଙ୍କୁ ଦିଆଯାଇ ନ ଥିବା ପରିମାଣକୁ @୧୮% ସୁଧ ସହିତ
- ଯୋଗାଣକାରୀଙ୍କ ପଞ୍ଜୀକରଣ ରଦ୍ଦ କରିବା



ଜିଏସ୍‌ଟି - ଏକ ଭଲ ଓ ସରଳ ଟିକସ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟ କର ବିଭାଗ
www.cbic.gov.in, www.naa.gov.in
davp 15502/13/0076/1819

## ସଂକ୍ଷେପରେ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନର ପ୍ରତିଯୋଗିତା
### ଭାଗ ନେବେ ୨ ମହିଳା ଖେଳାଳି

**ବ୍ରହ୍ମପୁର ଅଫିସ,୨୪।୧୧:** ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଚାମ୍ପିୟନଶିପ୍ ଆସନ୍ତା ୨୭ରୁ ଅନୁଷ୍ଠିତ ହେବ। ଗୁଣ୍ଟୁର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ନଭେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୪୯ କେଜି ବର୍ଗରେ ଅର୍ଚ୍ଚନା ପ୍ରଧାନ, ୮୭ କେଜି ବର୍ଗରେ ବନିତା ଘଡେଇ ଭାଗନେବେ। ଖେଳାଳିମାନେ ରବିବାର ଗୁଣ୍ଟୁର ଗସ୍ତ କରିବେ। ଏମାନଙ୍କ ସହ କୋଚ ଭାବେ ଟୁକୁନି ବଡମୁଣ୍ଡି ଓ ମ୍ୟାନେଜର ଭାବେ ଚିକିଟି ମହାବିଦ୍ୟାଳୟ ପିଇଟି ଜେ. ଜଗନ୍ନାଥ ରାଓ ଗୁଣ୍ଟୁର ଅଭିମୁଖେ ଯାତ୍ରା କରିବେ ବୋଲି କ୍ରୀଡା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ, ସ୍ପୋର୍ଟସ୍ ଅଫିସର ରବି ଚରଣ ମିଶ୍ରଙ୍କ ସମେତ ପରିଷଦର ଅନ୍ୟ କର୍ମକର୍ତ୍ତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସମବାୟ ଉପନିବନ୍ଧକ ସମ୍ବର୍ଦ୍ଧିତ

**ବ୍ରହ୍ମପୁର ଅଫିସ,୨୪।୧୧:** ବ୍ରହ୍ମପୁରରେ ବିଭିନ୍ନ ସମବାୟ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଓ ଗଜପତି ଜିଲାକୁ ନେଇ ଗଠିତ ସମବାୟ ଡିଭିଜନର ଉପନିବନ୍ଧକ (ଡେପୁଟି ରେଜିଷ୍ଟ୍ରାର) ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱରରେ ହୋଇଥିବା ଓଡ଼ିଶା ସମବାୟ ସଂଘର ରାଜ୍ୟସ୍ତରୀୟ ଉତ୍ସବରେ ପଣ୍ଡାଙ୍କୁ ଶ୍ରେଷ୍ଠ ସମବାୟ ପ୍ରଶାସକ ଭାବରେ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାରଙ୍କ 'ସମବାୟ ଆପଣଙ୍କ ଦ୍ୱାରରେ' କାର୍ଯ୍ୟକ୍ରମକୁ ଏହି ଡିଭିଜନରେ ସଫଳ କରିଥିବାରୁ ତାଙ୍କୁ ରାଜ୍ୟ ସମବାୟ ସଂଘ ପୁରସ୍କୃତ କରିଥିଲା। ତେଣୁ ଗଞ୍ଜାମ ଜିଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ପୁଣି ଉପନିବନ୍ଧକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିରେ ସମବାୟବିତ ସୁଧୀର କୁମାର ରାଉତଙ୍କ ସମେତ ସୁରେଶ କୁମାର ସାହୁ, ସନ୍ତୋଷ ଚୌଧୁରୀ, ପ୍ରଭାକର ପାତ୍ର ଓ ସହକାରୀ ନିବନ୍ଧକ ଶବି ପ୍ରସାଦ ସ୍ୱାଇଁ ଓ ଅନେକ ସମବାୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ବିଜେଡି ନେତାଙ୍କ ମାତୃବିୟୋଗ

**ବ୍ରହ୍ମପୁର ଅଫିସ,୨୪।୧୧(ଡି.ଏନ.ଏ.):** ଗଞ୍ଜାମ ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକଙ୍କ ମା' ରେଖା ନାୟକ(୮୭)ଙ୍କର କାର୍ତ୍ତିକ ପୂର୍ଣ୍ଣିମାରେ ଶିଳ୍ପାଞ୍ଚଳସ୍ଥ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନରୁ ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୨ ପୁଅ, ୩ ଝିଅ, ଜ୍ୱାଇଁ, ବଡ଼ବୋହୂ ବିଏମସିର ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୁଗୁଡ଼ା, ଆସିକା ବିଜୟୀ

**ଦିଗପହଣ୍ଡି/ ପାଟପୁର ୨୪।୧୧(ଡି.ଏନ.ଏ.):** ପାଟପୁର କଲେଜ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜକୁ ପରାଜିତ କରି ବୁଗୁଡ଼ା କଲେଜ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବୁଗୁଡ଼ା କଲେଜ ଟସ୍ ଜିଣି ୧୭ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୦ ରନ୍ କରିଥିଲା। ଜବାବ୍‌ରେ ୧୮ ଓଭର୍‌ରେ ସମସ୍ତ ଉଇକେଟ ହରାଇ ଖଲ୍ଲିକୋଟ କଲେଜ ୯୪ ରନ୍ କରି ପରାଜିତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ମ୍ୟାଚ୍‌ରେ ବ୍ରହ୍ମପୁର ସିଟି କଲେଜ କ୍ରିକେଟ ଟିମ୍‌କୁ ପରାଜିତ କରି ଆସିକା କଲେଜ ବିଜୟୀ ହୋଇଛି। ବ୍ରହ୍ମପୁର ସିଟି କଲେଜ ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୧.୦୧ ଓଭର୍‌ରେ ଆସିକା କଲେଜ କ୍ରିକେଟ ଟିମ୍ ୫ ଉଇକେଟ ହରାଇ ୯୦ ରନ ହାସଲ କରି ବିଜୟୀ ହୋଇଛି। ପ୍ରମୋଦ ପଣ୍ଡା ଓ ଶୁକଦେବ ସ୍ୱାଇଁ ମ୍ୟାଚ୍‌ରେ ଅମ୍ପାୟରିଂ କରିଥିଲେ। ପାଟପୁର କଲେଜ କ୍ରୀଡ଼ା ସଂସଦ ଉପାଧ୍ୟକ୍ଷ ଅଧ୍ୟାପକ ଅମୀୟ କୁମାର ପାଢ଼ୀ, କ୍ରୀଡ଼ା ଅଧ୍ୟାପକ ଲକ୍ଷ୍ମଣ କୁମାର ସାହୁ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ■ ମୁଖ୍ୟମନ୍ତ୍ରୀଙ୍କ ସୁରଟ ଗସ୍ତ ଡିସେମ୍ବର ୧୭
# ପ୍ରସ୍ତୁତି ବୈଠକ ପାଇଁ ଗଞ୍ଜାମରୁ ଗଲେ ବିଜେଡି ଟିମ୍

**ବ୍ରହ୍ମପୁର ଅଫିସ,୨୪।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିସେମ୍ବର ୧୭ରେ ସୁରଟ ଗସ୍ତରେ ଯିବେ। ସେଠାରେ କାର୍ଯ୍ୟରତ ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା କରିବେ। ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ନବୀନ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ଚୂଡ଼ାନ୍ତ ପ୍ରସ୍ତୁତି ନିମନ୍ତେ ଶନିବାର ଗଞ୍ଜାମ ଜିଲା ବିଜେଡିର ଏକ ଟିମ ସୁରଟ ଗସ୍ତରେ ଯାଇଛନ୍ତି। ଏମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ତଥା ଗଞ୍ଜାମ ବିଜେଡି ସଂଗଠନ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓ, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ପ୍ରମୁଖ ଅଛନ୍ତି। ବିମାନରେ ଯାଇ ଏହି ଟିମ୍ ସୁରଟରେ ପହଞ୍ଚିଛନ୍ତି। ରବିବାର ଓଡ଼ିଆ ସଂଗଠନର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଆଲୋଚନା କରିବେ।

ସୂଚନାଯୋଗ୍ୟ, କେବଳ ଗଞ୍ଜାମ ଜିଲାର ବହୁ ଲକ୍ଷ ଓଡ଼ିଆ ଶ୍ରମିକ ସୁରଟର ବିଭିନ୍ନ କଳ କାରଖାନା ଓ ଅନ୍ୟ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଅନେକ ଓଡ଼ିଆ ସେଠାରେ ପରିବାର ସହ ରହି ଛୋଟ ବଡ଼ ବ୍ୟବସାୟ ମଧ୍ୟ କରୁଛନ୍ତି। ସେମାନଙ୍କ ଭିଟାମାଟିକୁ ତତ୍କାଳ ଯାତାୟାତ ନିମନ୍ତେ ଉପଯୁକ୍ତ ବିମାନ ସେବା ଯୋଗାଇବା, ବହୁ ସଂଖ୍ୟକ ଓଡ଼ିଆ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଭବନ ନିର୍ମାଣ, ପିଲାଙ୍କ ପାଠପଢ଼ା ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଶ୍ରମିକମାନଙ୍କ ସମସ୍ୟା ସମାଧାନ ଲାଗି ପ୍ରବାସୀ ଓଡ଼ିଆ ସଂଗଠନ ଗୁରୁତ୍ୱ ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଉପରୋକ୍ତ ସମସ୍ୟା ଉପସ୍ଥାପନ କରାଯିବ ଏବଂ ନବୀନଙ୍କୁ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଗତ ଅକ୍ଟୋବର ପ୍ରଥମ ସପ୍ତାହରେ ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ ସୁରଟ ଯାଇଥିଲେ। ଓଡ଼ିଆ ସଂଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

**ଓଡ଼ିଆ ଶ୍ରମିକଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ କରାଯିବ**

ଅପରପକ୍ଷେ ବିଜୁ ଜନତା ଦଳର ଶ୍ରମିକ ସଂଗଠନ ବିଜୁ ଶ୍ରମିକ ସାମ୍ମୁଖ୍ୟ ଗଠନ କରାଯାଇଛି। ବିଭିନ୍ନ ଶ୍ରମିକ ସଂଗଠନକୁ ସାମ୍ମୁଖ୍ୟରେ ସାମିଲ କରାଯିବା ପ୍ରକ୍ରିୟା ଜୋରଦାର କରାଯାଇଛି। ଗତ ଜୁନ ମାସ ଶେଷାର୍ଦ୍ଧରେ ଗୋପାଳପୁରରେ ଶ୍ରମିକ ସାମ୍ମୁଖ୍ୟର ବଡ଼ଧରଣର ସମାବେଶ ହୋଇଥିଲା। ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଉଷା ଦେବୀ, ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ଅନ୍ୟମାନେ ଏଥିରେ ଯୋଗ ଦେଇଥିଲେ। ବିଜେଡିର ଅନେକ ନେତା, କର୍ମୀ ଓ ବିଧାୟକ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ସଂଗଠନର ଶ୍ରମିକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି କରାଯାଇଥିଲା।

ସୁରଟରେ ଥିବା ୭ରୁ ୮ ଲକ୍ଷ ଓଡିଆ ଶ୍ରମିକଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ କରାଯିବାର ନିରନ୍ତର ପ୍ରୟାସ ଚାଲିଛି।

## ■ ଜାତୀୟ ଫାର୍ମାସୀ ସପ୍ତାହ
# ନିଷ୍ଠା, ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ



ଶିବାନନ୍ଦ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବ୍ରହ୍ମପୁର ଅଫିସ,୨୪।୧୧**

ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଶିବାନନ୍ଦ ଫାର୍ମାସୀ କଲେଜରେ ଜାତୀୟ ଫାର୍ମାସୀ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ପଦ୍ମନାଭ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି ଡ୍ରଗ୍ସ କଣ୍ଟ୍ରୋଲର ଡା. ନୀଳମାଧବ ଦାଶ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଡା. ଚନ୍ଦ୍ରମଣି ସ୍ୱାଇଁ, ଅନୁଷ୍ଠାନର ଚେୟାରମ୍ୟାନ ଡା. ଲକ୍ଷ୍ମୀକାନ୍ତ ପାଢୀ, ଟି. ବାସୁଦେବ ରାଓ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ 'ସ୍ୱାସ୍ଥ୍ୟବାନ ଭାରତ ପାଇଁ ଫାର୍ମାସିଷ୍ଟଙ୍କ ଭୂମିକା' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଫାର୍ମାସିଷ୍ଟଙ୍କ ସମାଜ ପ୍ରତି ରହିଥିବା ଦାୟିତ୍ୱ ଉପରେ ଆଲୋକପାତ କରି ମୁଖ୍ୟଅତିଥି ନିଃସ୍ୱାର୍ଥପର ଭାବେ ଫାର୍ମାସିଷ୍ଟମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୭-୧୮ ଶିକ୍ଷାବର୍ଷରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଦୀପକ ପଲାଇଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଗଞ୍ଜାମ ଜିଲା ଓଡିଶା ସରକାରୀ ଫାର୍ମାସିଷ୍ଟ ସର୍ଭିସ ଆସୋସିଏଶନ ପକ୍ଷରୁ ୫୭ତମ ଜାତୀୟ ଫାର୍ମାସୀ ସପ୍ତାହ ଶୁକ୍ରବାର ପାଳିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ସପ୍ତାହ ପାଳନ ଅବସରରେ 'ସୁସ୍ଥ ସମାଜ ପାଇଁ ଫାର୍ମାସିଷ୍ଟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି କେ. ଖଲ୍ଲି ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ରାଜ୍ୟ ସଂଗଠନ ସମ୍ପାଦକ ଆଶୋକ କୁମାର ପାତ୍ର, ଉପସଭାପତି ନବୀନ କୁମାର ମହାପାତ୍ର, ସହ ସମ୍ପାଦକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଉପଦେଷ୍ଟା ବି. କାମେଶ୍ୱର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସମ୍ପାଦକ ଅଭିମନ୍ୟୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲାର ବହୁ ଫାର୍ମାସିଷ୍ଟ ଯୋଗ ଦେଇଥିଲେ।

# ରେଳଧାରଣାରୁ ମୃତଦେହ ଠାବ

**ବ୍ରହ୍ମପୁର ଅଫିସ,୨୪।୧୧**

ହଳଦିଆପଦର ରେଲୱେ ଫ୍ଲାଏ ଓଭରବ୍ରିଜ ନିକଟସ୍ଥ ରେଳ ଧାରଣାରୁ ଶନିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରିଛି ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ। ମୃତ ବ୍ୟକ୍ତିଙ୍କ ପରିଚୟ ଅସ୍ପଷ୍ଟ ରହିଥିବା ବେଳେ ତାଙ୍କ ବୟସ ୫୦ରୁ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ବ୍ୟକ୍ତି ଜଣକ ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ପରେ ଶବ ଗୃହରେ ପରିଚୟ ପାଇଁ ରଖାଯିବ ବୋଲି ଜିଆରପି ଏଏସ୍ଆଇ ଡି. ଶିବରାମ କହିଛନ୍ତି।

### ବୃନ୍ଦାବନ ନାୟକଙ୍କ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୨୪।୧୧**

ପୂର୍ବତନ ମନ୍ତ୍ରୀ ତଥା ଗଞ୍ଜାମ ଜିଲାର ଲୋକପ୍ରିୟ ରାଜନେତା ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୧୦୭ତମ ଜୟନ୍ତୀ ବ୍ରହ୍ମପୁର ହିଲପାଟଣାରେ ଶୁକ୍ରବାର ପାଳିତ ହୋଇଯାଇଛି। ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟ ନାଥ ନାୟକଙ୍କ ନେତୃତ୍ୱରେ ଶତାଧିକ ବୃନ୍ଦାବନପ୍ରେମୀ କମାପଲ୍ଲୀ ଛକକୁ ଯାଇ ସେଠାରେ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସମୂହ ପ୍ରାର୍ଥନା କରିଥିଲେ। ବୃନ୍ଦାବନଙ୍କ ଜନ୍ମସ୍ଥାନ ଶାସନ ଆମ୍ବଗାଁରେ ବିଜୁ-ବୃନ୍ଦାବନ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ପ୍ରତିଷ୍ଠାନ ପକ୍ଷରୁ ସିଲେଇ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ଡି. ବିଶ୍ୱନାଥ, ମନୋଜ ସାବତ, ଅରକ୍ଷିତ ଗୌଡ଼, ସୁଦର୍ଶନ ରାଓ, ହିଲପାଟଣା ଉନ୍ନୟନ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଗଣେଶ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଚୋର ଗିରଫ

**ବ୍ରହ୍ମପୁର ଅଫିସ,୨୪।୧୧**

କିରାନା ଦୋକାନରୁ ଚୋରି କରିବା ଅଭିଯୋଗରେ ଧାନମେରା ସାହିର କରଣ ମୁଖୀଙ୍କୁ ବଡବଜାର ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହଜାତକୁ ପଠାଇ ଦିଆଯାଇଛି। ପ୍ରକାଶଯେ, ନଭେମ୍ବର ୨୨ରେ ଶ୍ରୀରାମନଗର ଛକରେ ଥିବା ଏକ କିରାନା ଦୋକାନରୁ କେତେକ ସାମଗ୍ରୀ ସହିତ କ୍ୟାସ୍‌ବାକ୍ସରେ ଥିବା ୧୮ ଶହ ଟଙ୍କା ଚୋରିକରି ନେଇଯାଇଥିବା ନେଇ ଦୋକାନ ମାଲିକ ତ୍ରିଲୋଚନ ପାଣିଗ୍ରାହୀ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


@ ବିବେକ୍


@ ଲକି

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୫।୧୧।୨୦୧୮ (ରବିବାର)**
- ସୌଭାଗ୍ୟ- ଅଭିଷେକ ସ୍ମାରକୀ ଏକକ ନୃତ୍ୟ ପ୍ରତିଯୋଗିତା। ସ୍ଥାନ- କଲ୍ୟାଣ ମଣ୍ଡପ, ବାଲିଗୁଡ଼ା, ସମୟ- ସନ୍ଧ୍ୟା ୬ଟା।
- ଶକ୍ତି ସଂରକ୍ଷଣ ଦିବସ ପାଳିତ। ସ୍ଥାନ- ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଗୁଡ଼ା, ସମୟ- ସକାଳ ୯ଟା।

**୨୬।୧୧।୨୦୧୮ (ସୋମବାର)**
- ଭାଜପାର ପରାମର୍ଶ ଯାତ୍ରା। ସ୍ଥାନ- ରଟିଙ୍ଗିଆ। ସମୟ- ପୂର୍ବାହ୍ନ ୧୦ଟା।

**୨୭।୧୧।୨୦୧୮ (ମଙ୍ଗଳବାର)**
- କନ୍ଧମାଳ ଜିଲା ସ୍ତରୀୟ ବିଜ୍ଞାନ ମେଳା। ସ୍ଥାନ- ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା।

**୩୦।୧୧।୨୦୧୮ (ଶୁକ୍ରବାର)**
- ଭାଜପାର ଜନସମ୍ପର୍କ ଓ ପରାମର୍ଶ ଯାତ୍ରା। ସ୍ଥାନ- ଜି.ଉଦୟଗିରି। ସମୟ- ପୂର୍ବାହ୍ନ ୧୦ଟା।

**୧।୧୨।୨୦୧୮ (ଶନିବାର)**
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ମହାଯଜ୍ଞ ତା ୨୫।୧୧।୧୮ରୁ ୧।୧୨।୧୮ ସ୍ଥାନ- ଦିବ୍ୟ ଜୀବନ ସଂଘ ପ୍ରାଙ୍ଗଣ, କ.ନୂଆଗାଁ, ପାରାୟଣ ସମୟ- ସକାଳ ୯ଟା, ପ୍ରବଚନ ସମୟ- ସନ୍ଧ୍ୟା ୬ଟା।

## ■ ନର୍ସଙ୍କୁ ଡାକ୍ତରଙ୍କ ମାଡ଼ ଘଟଣା
# ସିସି କ୍ୟାମେରା ଫୁଟେଜ ମାଗିଲା ପୋଲିସ

**ଛତ୍ରପୁର,୨୪।୧୧(ଡି.ଏନ.ଏ.)**

ଛତ୍ରପୁର ହସ୍ପିଟାଲରେ ଡ୍ୟୁଟିରେ ଥିବା ନର୍ସ କବିତା ମହାନ୍ତିଙ୍କୁ ଗୁରୁବାର ରାତିରେ ଜଣେ ଡାକ୍ତର ମାଡ ମାରିଥିଲେ। ଏଥିରେ କବିତା ଗୁରୁତର ହୋଇଥିଲେ। ମାଡ ମାରିବା ସମୟର ସିସି କ୍ୟାମେରା ଫୁଟେଜକୁ ଶନିବାର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ରଙ୍କୁ ଛତ୍ରପୁର ଆଇଆଇସି ପ୍ରିୟଶ ରଞ୍ଜନ ଛୋଟରାୟ ମାଗିଥିବା ଜଣାପଡିଛି। ନର୍ସଙ୍କୁ ଡାକ୍ତର ମାଡ ମାରିବା ଘଟଣାର ତଦନ୍ତ କରି ଏକ ରିପୋର୍ଟ ହସ୍ପିଟାଲସୁପରିଣ୍ଟେଣ୍ଡେଣ୍ଟ ଡା. ପାତ୍ରଙ୍କ ପକ୍ଷରୁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ଛତ୍ରପୁର ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମାମଲାରେ ପୋଲିସ ପକ୍ଷରୁ ଶୁକ୍ରବାର ମାଡ ମାରିଥିବା ଡାକ୍ତରଙ୍କୁ ନୋଟିସ ଜାରି କରାଯାଇଥିଲା। ଆହୁରି ଜଣାଯାଇଛି ଉଭୟ ଡାକ୍ତର ଓ ନର୍ସ କିଛି ଦିନ ପାଇଁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଛୁଟି ମାଗିଛନ୍ତି। ତେବେ ନର୍ସ ଆହତ ହୋଇଥିବାରୁ ତାଙ୍କୁ ହିଁ କେବଳ ଛୁଟି ଦିଆଯିବ ବୋଲି ଜଣାପଡିଛି। ଶନିବାର ଏହି ଘଟଣା

**ସିଡିଏମ୍ଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ**

ନେଇ ହସ୍ପିଟାଲର ସମସ୍ତ ଷ୍ଟାଫ୍‌ଙ୍କୁ ଡାକି ସୁପରିଟେଣ୍ଡେଣ୍ଟ ତଥ୍ୟ ନେଇଥିଲେ। ପୂର୍ବରୁ ଉକ୍ତ ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏ ନେଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପୂର୍ବରୁ କେବେ ବି ଏମାନେ ଅଭିଯୋଗ କରିନାହାନ୍ତି। ଏହି ଘଟଣା ନେଇ ହସ୍ପିଟାଲର ମର୍ଯ୍ୟାଦା ହାନି ହେଉଥିବାରୁ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଷ୍ଟାଫ୍‌ମାନେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ପ୍ରକାଶଯେ, ଗୁରୁବାର ରାତିରେ ହସ୍ପିଟାଲର ନର୍ସ କବିତା ତାଙ୍କ ସହଯୋଗୀ ଜଣେ ନର୍ସଙ୍କ ସହ ପ୍ରସୂତି ଗୃହ ମଧ୍ୟରେ ଗର୍ଭବତୀଙ୍କ ପ୍ରସବ କରାଉଥିଲେ। ଏହି ସମୟରେ ଡ୍ୟୁଟିରେ ନ ଥିବା ସତ୍ତ୍ୱେ ହସ୍ପିଟାଲର ସର୍ଜରୀ ବିଭାଗର ଜଣେ ଡାକ୍ତର ଝରକା ପାଖରେ ରହି ନର୍ସ କବିତାଙ୍କୁ କିଛି କମେଣ୍ଟ ମାରିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ପ୍ରସବ ପରେ କବିତା ରୁମ ବାହାରକୁ ଆସିଥିଲେ। ପରେ ତାଙ୍କୁ ଉକ୍ତ ଡାକ୍ତର ଜଣକ ମାଡ ମାରିଥିଲେ। ଏପରିକି ଉକ୍ତ ସ୍ଥାନରେ ନର୍ସ ଜଣକ ଅଚେତ ହୋଇଯାଇଥିଲେ।

## ■ ମହାନଗର ପୁସ୍ତକମେଳା ୯ମ ସନ୍ଧ୍ୟା
# ଶୈଳବାଳାଙ୍କ 'କବିତା ବଲ୍ଲରୀ' ଉନ୍ମୋଚିତ

**ବ୍ରହ୍ମପୁର ଅଫିସ,୨୪।୧୧**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ସ୍ଥାନୀୟ ଏସ୍ଏସ୍ଭିଟି ଗ୍ରାଉଣ୍ଡରେ ଚାଲିଥିବା ମହାନଗର ପୁସ୍ତକମେଳାର ୯ମ ସନ୍ଧ୍ୟାକୁ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଗଞ୍ଜାମ ଜିଲାରେ ସାହିତ୍ୟର ବିକାଶ କ୍ଷେତ୍ରରେ ପୁସ୍ତକ ମେଳା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ପୂର୍ବତନ ବିଧାୟକ ରେଡ୍ଡୀ କହିଥିଲେ। ଗାଳ୍ପିକ ଅମ୍ବିକା ପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଜଗନମୋହନ ଦାଶ, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସମାଜିକକର୍ମୀ ପ୍ରତାପ ଚନ୍ଦ୍ର ସାହୁ, ଶମ୍ଭୁଲିଙ୍ଗମ ଅଚାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ କବି ନିରଞ୍ଜନ ତ୍ରିପାଠୀ ସମ୍ମାନିତ ବକ୍ତା ଭାବେ ଉପସ୍ଥିତ ଥିଲେ। କମିଟି ସାଙ୍ଗଠନିକ ସମ୍ପାଦକ ବାଲ୍ମିକୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବି ସୁଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଏହି ଅବସରରେ କବି ଶୈଳବାଳା ପାଣିଗ୍ରାହୀଙ୍କ କବିତା ସଙ୍କଳନ 'କବିତା ବଲ୍ଲରୀ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅଜିତ ସେଠୀ, ଦିପ୍ତିମିତା ମହାପାତ୍ର, ଅଜିତ କୁମାର ସାବତ ଓ କପିଳ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଉପସଭାପତି ବି. ସତ୍ୟମ ଅଚାରୀ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ଅନୁଷ୍ଠାନ ଲିୟାନା ସ୍କୁଲ ଅଫ ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାମଚନ୍ଦ୍ରପୁର ପିଓଲସ୍ଥିତ ଓଡ୍ର ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ସାହିତ୍ୟ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।




## ସଂକ୍ଷେପରେ

### ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ
## ମନଶୀଳା ଚାମ୍ପିୟନ

ପୋଲସରା,୨୪।୧୧(ଡି.ଏନ.ଏ.)- ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତସ୍ଥିତ ମନଶିଳାରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫାଇନାଲ ବିଜୟୀ ମନଶିଳା ଏକାଦଶ ଓ ରନର୍ସଅପ୍ ବଘାଡ଼ି ଏକାଦଶକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ମନଶିଳା ଏକାଦଶ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ମୋଟ ୯୨ ରନ୍ କରିଥିଲା। ଜବାବରେ ବଘାଡ଼ି ଏକାଦଶ ୧୨ ଓଭରରେ ୪ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଫଳରେ ମନଶୀଳା ଏକାଦଶ ବିଜୟୀ ହୋଇଥିଲା। ଫାଇନାଲ ବିଜେତା ମନଶିଳା ଏକାଦଶକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ୍ ବଘାଡ଼ି ଏକାଦଶକୁ ଟ୍ରଫି ସହ ୫ ହଜାର ଟଙ୍କା ବିଧାୟକ ସାହୁ ପ୍ରଦାନ କରିଥିଲେ। କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜକ କଲ୍ୟାଣ ଯୁବ ସଂସଦର ସମସ୍ତ ସଦସ୍ୟ, ବିଦେଶୀ ବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ

ବୁଗୁଡ଼ା,୨୪।୧୧(ଡି.ଏନ.ଏ.)-ବୁଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମାତୃ ପତାକା ଉତ୍ତୋଳନ କରାଯାଇ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଟି.ସୁଦର୍ଶନ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଓ ମୁଖ୍ୟଅତିଥି ଅରବିନ୍ଦଙ୍କ ସିଦ୍ଧିପ୍ରାପ୍ତି ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନୁଷ୍ଠାନର ଅଧକ୍ଷ ଡାକ ସାହୁ, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ସିଦ୍ଧିପ୍ରାପ୍ତ ବିଷୟରେ କହିଥିଲେ।

## ଜଳିଗଲା ୪ ବଖରା

ଦିଗପହଣ୍ଡି,୨୪।୧୧(ଡି.ଏନ.ଏ.)-ଦିଗପହଣ୍ଡି ଏନ୍‌ଏସି ୨ନଂ. ୱାର୍ଡ ସାହାଣୀ ସାହିରେ ଅଗ୍ନିକାଣ୍ଡ ଘଟି ବୁଲୁ ଦାସ ଓ ସନ୍ତୋଷ ଦାସ ୨ ପରିବାରଙ୍କ ୪ ବଖରା ଘର ଜଳିଯାଇଛି। ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଧାନ ଚାଉଳ ସହ ଅନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

କନିଷି,୨୪।୧୧(ଡି.ଏନ.ଏ.)-: ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ଗ୍ରାମରେ ଥିବା ଅତି ପୁରାତନ ରଘୁନାଥ ମନ୍ଦିରରେ ପଣ୍ଡିତ ତପନ କୁମାର ପଣ୍ଡାଙ୍କ ତତ୍ୱବଧାନରେ ରାମଚରିତ ମାନସ ନବାହ୍ନ ପାରାୟଣ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ସଭାପତି ଶିବରାମ ପାତ୍ରଙ୍କ ଅଧକ୍ଷତାରେ ଚାଲିଥିବା ପାରାୟଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ୟାସ ଭାବେ ପଣ୍ଡିତ ଚନ୍ଦ୍ର ପ୍ରକାଶ ଶୁକ୍ଲା ଥିବା ବେଳେ ପୂଜାର୍ଚ୍ଚନା ପାଇଁ ପଣ୍ଡିତ ଦୀପକ କୁମାର ପଣ୍ଡା ନିଯୁକ୍ତି ଥିଲେ। ଶେଷ ଦିନରେ ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିର ସଭାପତିଙ୍କ ସମେତ ରାଜୀବ ଲୋଚନ ପାତ୍ର, ପଣ୍ଡିତ ଆଶିଷ କୁମାର ପାଢ଼ୀ, ସୁବାସ ଚନ୍ଦ୍ର ପାତ୍ର, ଟୁକୁନା ସାବତ, ସୁଶାନ୍ତ ସାବତ ସତ୍‌ସଙ୍ଗର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବସୀ ସହାୟତା କରିଥିଲେ।

## ଏଲ୍‌ଇଡି ବଲ୍‌ବ ବଣ୍ଟନ

ହାତୀଓଟ,୨୪।୧୧-ପୋଲସରା ବ୍ଲକ ରୁମାଗଡରେ ଥିବା ପଞ୍ଚାୟତ ଅଫିସ୍ କାର୍ଯ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିତରଣ କରାଯାଉଥିବା ଏଲ୍‌ଇଡି ବଲ୍‌ବ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସରପଞ୍ଚ ବନିତା ଖଟୁଆ ଓ ସମାଜସେବୀ ପ୍ରଭାକର ପଣ୍ଡା ମିଶି ୯୩୧ ପରିବାରକୁ ଦୁଇଟି ଲେଖାଏ ବଲ୍‌ବ ବିତରଣ କରିଥିଲେ। ପଞ୍ଚାୟତର ଯୋଗାଣ ଦାୟିତ୍ୱରେ ଥିବା ଲିଙ୍କନ ପଢ଼ିଆରି ପରିବାରକୁ ଚିହ୍ନଟରେ ସହଯୋଗ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଖଟୁଆ, ଗ୍ରାମ୍ୟ ରୋଜଗାର ସେବକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ପର୍ଯ୍ୟଟନକେନ୍ଦ୍ର ହିଲ୍ ଷ୍ଟେଶନ ଘୋଷଣା ୧୧ ମାସ ବିତିଲା
# କାର୍ଯ୍ୟକାରୀ ହେଉନି ଅବହେଳିତ ପର୍ଯ୍ୟଟନ କେନ୍ଦ୍ର

ଦାରିଙ୍ଗବାଡ଼ି,୨୪।୧୧ (ଡି.ଏନ.ଏ)

ଓଡ଼ିଶାର କାଶ୍ମୀର ଭାବେ ଜଣାଶୁଣା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଏବେ ପର୍ଯ୍ୟଟକମାନଙ୍କ ଦୈନିକ ଭିଡ଼ ଦେଖିବାକୁ ମିଳୁଛି। ଆଗକୁ ଛୁଟି ସହ ଶୀତ ବୃଦ୍ଧି ପାଇଲେ ଆହୁରି ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିବ। ଦାରିଙ୍ଗବାଡ଼ିର କଫି ବଗିଚା ପ୍ରଥମେ ପର୍ଯ୍ୟଟକଙ୍କୁ ପରିଚିତ କରିଥିବା ବେଳେ ଅନ୍ୟ ପର୍ଯ୍ୟଟନକେନ୍ଦ୍ର ମଧ୍ୟରେ ବ୍ୟତୀତ ଡୁଲୁରୀ ପାଇନବଣ, ହିଲ୍‌ଭିୟୁ ପାର୍କ, ନେଚର ପାର୍କ,ମିଡ଼ିୟୁବାନ୍ଧା ୱାଟରଫଲ୍, ଲଭର୍ସପଏଣ୍ଟ, ଶାନ୍ତି ଉପତ୍ୟକା ଆଦି ରହିଛି। ଏତଦ୍ ବ୍ୟତୀତ ପର୍ଯ୍ୟଟକଙ୍କୁ ଉକ୍ତ ବ୍ଲକର ପାହାଡ଼, ପାଙ୍ଗାଲି ଘାଟି, ଜଙ୍ଗଲ ଓ ଝରଣା ଆଦି ଆକୃଷ୍ଟ କରୁଛି। ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିବାକୁ ପର୍ଯ୍ୟଟନକେନ୍ଦ୍ର ବିକାଶ ପାଇଁ ସରକାର ଚଳିତବର୍ଷ ପାଇଁ ପୂର୍ବ ବର୍ଷ ଯୋଜନା ପ୍ରସ୍ତୁତ କରିଥିଲେ। ତାକୁ ଜାନୁୟାରୀ ପହିଲାରେ ଘୋଷଣା ମଧ୍ୟ କରିଥିଲେ । ଦାରିଙ୍ଗବାଡ଼ିକୁ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚଳିତବର୍ଷ ଦାରିଙ୍ଗବାଡ଼ିକୁ ହିଲଷ୍ଟେଶନ ଭାବେ ଘୋଷଣା କରି କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଅଦ୍ୟାବଧି କୌଣସି ହିଲଷ୍ଟେଶନ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି।


ପାର୍କରେ ଜଳଫୁଆରର ମଜା ନେଇଛନ୍ତି ପର୍ଯ୍ୟଟକ।

କନ୍ଧମାଳ ଜିଲା ପର୍ଯ୍ୟଟନ ବିଭାଗକୁ ସେଭଳି କୌଣସି ଯୋଜନା ସମ୍ପର୍କରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ପହଞ୍ଚି ନ ଥିବା ଜିଲା ପର୍ଯ୍ୟଟନ ଅଧିକାରୀ ମନୋରଞ୍ଜନ ଦାସ କହିଛନ୍ତି। ସେ କହିଛନ୍ତି, ପୂର୍ବ ଅପେକ୍ଷା ଏବେ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ଭିଡ଼ ବୃଦ୍ଧିପାଇଛି । ଏହାର ପ୍ରଚାର ପ୍ରସାରକୁ ପର୍ଯ୍ୟଟନ ବିଭାଗ ଏବଂ ସଂସ୍କୃତି ବିଭାଗ ପକ୍ଷରୁ କରାଯାଉଛି । ଏନେଇ ସେ ରାଜ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ କହିଛନ୍ତି। ସରକାର ଦାରିଙ୍ଗବାଡ଼ିକୁ ହିଲ୍‌ଷ୍ଟେଶନ ଭାବେ ଘୋଷଣା କରିବା ସହ ଯୁବ ପର୍ଯ୍ୟଟନ ଆଉ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡଭେଞ୍ଚର ଟୁରିଜମ୍ ବା ଦୁଃସାହସିକ ପର୍ଯ୍ୟଟନକୁ ଅଧିକା ପସନ୍ଦ କରୁଥିବାରୁ ରାଜ୍ୟର ଦାରିଙ୍ଗବାଡ଼ିକୁ ଆଡଭେଞ୍ଚର ଟୁରିଜମ୍ ବ୍ୟାପକ କରିବାକୁ ସରକାର ଯୋଜନା କରିଥିଲେ । ତେଣୁ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଆଡଭେଞ୍ଚର ସ୍ପୋର୍ଟସ ଯଥା ଜିପ୍ ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିୟରିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍, ବୋଟିଂ ଓ ସାଇକେଲିଂ ଆଦି ପାଇଁ ଓଡ଼ିଶାରେ ବିଭିନ୍ନ ସ୍ଥାନ ସହ ଦାରିଙ୍ଗବାଡ଼ିକୁ ମନୋନୀତ କରାଯାଇଥିଲା । ଦାରିଙ୍ଗବାଡ଼ିରେ ଥିବା ଜଙ୍ଗଲ, ପରିବେଶ, ବନ୍ୟଜନ୍ତୁ, ଜନଜାତି ଓ ଗ୍ରାମାଞ୍ଚଳ ପର୍ଯ୍ୟଟନର ବିକାଶ ପାଇଁ ସରକାର ଯୋଜନା କରିଥିଲେ ସୁଦ୍ଧା ଅଦ୍ୟାବଧି ତାହା ହୋଇପାରି ନ ଥିବା ଜଣାପଡ଼ିଛି । ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ି ପର୍ଯ୍ୟଟନକେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ନ ଥିବାରୁ ବହୁ ହଇରାଣ ଭୋଗୁଛନ୍ତି । ଯଦି ପର୍ଯ୍ୟଟନ କେନ୍ଦ୍ରର ବିକାଶ ସହ ପର୍ଯ୍ୟଟକଙ୍କ ପାଇଁ ରହିବା ଖାଇବା ସବୁ ସୁବିଧାରେ ଯୋଗାଇ ଦିଆଯାଇପାରନ୍ତା ତେବେ ପର୍ଯ୍ୟଟକ ଅଧିକା ପହଞ୍ଚିଥାନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଉଛି । ସେହିପରି ପର୍ଯ୍ୟଟକଙ୍କ ପାଇଁ ବଣ ଭୋଜି ପାଇଁ ପିଣ୍ଡି ସହ ବସିବା ପାଇଁ କଂକ୍ରିଟ ବେଞ୍ଚ ନିର୍ମାଣ ଆଦିର ଆବଶ୍ୟକତା ରହିଛି । ସବୁ ପର୍ଯ୍ୟଟନ କେନ୍ଦ୍ରରେ ଗୋଷ୍ଠୀ ଶୌଚାଳୟ ପାଇଁ ଯୋଜନା କରାଯାଇଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ଏହିସବୁ ଯୋଜନାକୁ ସରକାର ଶୀଘ୍ର କଲେ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କୁ ଆହୁରି ଅଧିକ ଆକୃଷ୍ଟ କରିପାରିବ ବୋଲି ଦାରିଙ୍ଗବାଡ଼ିର ପ୍ରକୃତିପ୍ରେମୀ ଲଡୁକିଶୋର ସାହୁ, ରେଣୁବାଳା ସାହୁ, ସାମାଜିକ କର୍ମୀ ସୁରେଶ ବଳିଆର ସିଂ କହିଛନ୍ତି। ଲଭର୍ସ ପଏଣ୍ଟ ସମେତ ମିଡ଼ିୟୁବାନ୍ଧ, ୱାଟରଫଲ୍, ଶାନ୍ତି ଉପତ୍ୟକା, ଡୁଲୁରୀ ପାଇନ ବଣରେ ଗୋଷ୍ଠୀ ପାଇଖାନା ସହ ପର୍ଯ୍ୟଟକଙ୍କ ବଣ ଭୋଜି ପାଇଁ ପିଣ୍ଡି ଏବଂ ୱାଚ ଟାୱାର ନିର୍ମାଣ ବ୍ୟବସ୍ଥା କରାଯିବା ଆବଶ୍ୟକ ଥିବା ଅଞ୍ଚଳବାସୀ ଦାବି କରିଛନ୍ତି ।

## ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡବାସୀଙ୍କ ବିକ୍ଷୋଭ

ବୁଗୁଡ଼ା,୨୪।୧୧(ଡି.ଏନ.ଏ.)

ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ୨ ନଂ. ୱାର୍ଡ ଶକ୍ତିନଗର, କେନାଲ ସାହି ଓ ଅରବିନ୍ଦ ନଗରର ଅଧିବାସୀମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତିତ୍‌ଲି ବାତ୍ୟାରେ ଭୁଷୁଡ଼ି ଯାଇଥିବା କେନାଲ ସାହି ରାସ୍ତାର ମରାମତି ଓ ତିତ୍‌ଲି ସହାୟତା ରାଶି ଶୀଘ୍ର ପ୍ରଦାନ କରିବା ନେଇ ଏକ ଦାବିପତ୍ର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଏନ୍‌ଏସି କାର୍ଯ୍ୟାଳୟକୁ ଶତାଧିକ ଅଧିବାସୀ ଯାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଦାବିପତ୍ର ଗ୍ରହଣ କରି ଆସନ୍ତା ସୋମବାର ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀମାନେ ବିକ୍ଷୋଭରୁ ବିରତ ରହିଥିଲେ।

# ସିଆରପିଏଫ୍ ପକ୍ଷରୁ ସହାୟତା ପ୍ରଦାନ

ଭଞ୍ଜନଗର,୨୪।୧୧(ଡି.ଏନ.ଏ.)

ଭଞ୍ଜନଗର ସିଆରପିଏଫ୍ ୧୨୭ ବାଟାଲିୟନ ପକ୍ଷରୁ ମାଓବାଦୀ ପ୍ରଭାବିତ ଗଞ୍ଜାମ ଓ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଜନହିତକର କାର୍ଯ୍ୟକ୍ରମ କରାଯାଉଛି। ସେଥିମଧ୍ୟରେ ମାଗଣା ଚିକିତ୍ସା ଶିବିର, ଚାଷୀଙ୍କୁ ଆବଶ୍ୟକ ଜ୍ଞାନ କୌଶଳ, ସହାୟତା ପ୍ରଦାନ, ବିହନ, ଶୀତବସ୍ତ୍ର, ଖେଳଣା ପ୍ରମୁଖ ବଣ୍ଟନ କରାଯାଉଛି। ଶୁକ୍ରବାର କନ୍ଧମାଳ ଜିଲା ଗୋଛାପଡାଠାରେ ସିଆରପିଏଫ୍ ପକ୍ଷରୁ ଏକ ସଚେତନତା ଶିବିର ସହ ଲୋକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା। କମାଣ୍ଡିଙ୍ଗ୍ ଅଫିସର ଜି.କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ଶ୍ରୀଜନ ଆର, ଏସ୍‌ଆଇ ମୃତ୍ୟୁଞ୍ଜୟ ପ୍ରଧାନ, ସରପଞ୍ଚ ସୁମିତ୍ରା କହଁର ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ ବୋଲି ସିଆରପିଏଫ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।


କମାଣ୍ଡିଙ୍ଗ୍ ଅଫିସର ଜି.କୁମାର ଲୋକଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ଶିଶୁଣ୍ଡାରେ ୪ ବଖରା ଜଳିଗଲା

ଜଗନ୍ନାଥପ୍ରସାଦ,୨୪।୧୧

ଜଗନ୍ନାଥପ୍ରସାଦ ବ୍ଲକ କ୍ଷେତମୁଣ୍ଡଳି ପଞ୍ଚାୟତ ଶିଶୁଣ୍ଡା ଗ୍ରାମ ମନ୍ଦିରସାହିରେ ଶନିବାର ପୂର୍ବାହ୍ନ ପ୍ରାୟ ୯ଟାରେ ନିଆଁ ଲାଗି ୪ ବଖରା ଜଳି ଯାଇଛି। ବିଦ୍ୟୁତ ସଟସର୍କିଟ ଯୋଗୁ ଦିଲୀପ ପରିଚ୍ଛାଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ପଡୋଶୀ ଘର ଗୁଡିକୁ ନିଆଁ ବ୍ୟାପିବା ଦେଖି ଗ୍ରାମବାସୀ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଜଗନ୍ନାଥପ୍ରସାଦ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଗ୍ରାମର ଚିତ୍ତରଞ୍ଜନ କର, ପ୍ରତାପ କର, ଦିଲୀପ ପରିଚ୍ଛା ଓ ବିନୋଦ ପରିଚ୍ଛାଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଖବର ପାଇ କ୍ଷେତମୁଣ୍ଡଳି ସରପଞ୍ଚ ନୀଳାଞ୍ଚଳ ଖିଲାର ଓ ଆରଆଇ ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ ପାଲ ବଣ୍ଟନ କରିଥିଲେ। ତହସିଲଦାରଙ୍କୁ ଅବଗତ ପରେ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ବିପନ୍ନ ୪ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ସରପଞ୍ଚ ଖିଲାର ଦାବି କରିଛନ୍ତି।

# ଦିଗପହଣ୍ଡିରେ ଜବରଦଖଲ ଉଚ୍ଛେଦ

ଦିଗପହଣ୍ଡି,୨୪।୧୧(ଡି.ଏନ.ଏ.)

ଦିଗପହଣ୍ଡି ପୁଞ୍ଜିକୟାଁ ଚାରିଛକରୁ ଶନିବାର ପୋଲିସ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇ ସ୍ୱତଃ ପ୍ରବୃତ୍ତ ସରକାରୀ ଜମିରୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ପିତୃ ପୁରୁଷ ଅମଳରୁ ନିଜ ଜମିରେ ବ୍ୟବସାୟ କରୁଥିବା ବଳରାମ ସାହୁଙ୍କୁ ୧୮ ଡିସେମ୍ବର ୨୦୧୭ରେ ଉଚ୍ଛେଦ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ନୋଟିସର ବୈଧତାକୁ ଚ୍ୟାଲେଞ୍ଜ କରି ସେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ମାମଲାର ଫଇସଲା ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ମାମଲା ସଂକ୍ରାନ୍ତୀୟ ସ୍ଥିତାବସ୍ଥା ଆଦେଶର ସମୟସୀମା ଅତିକ୍ରାନ୍ତ ହେବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉତ୍ତେଜନା ଆଶଙ୍କାରେ ଦିଗପହଣ୍ଡି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର, ଥାନା ଆଇଆଇସି ଦେବାଶିଷ ମହାନ୍ତି, ଏସ୍‌ଆଇ ଉମ୍ବରୁଧର ପ୍ରଧାନ, ଆଦିତ୍ୟ ପ୍ରସାଦ ଜେନା, ଜାତୀୟ ରାଜପଥ କାର୍ଯ୍ୟାଳୟର ଇଂ. ପ୍ରାର୍ଥ ସାରଥି ପ୍ରୟାଗରାଜ, ଖଗୁଲାଲ ମୁର୍ମୁ, ପୂର୍ତ୍ତ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ବାବୁଲି ଚାନ୍ଦ ଗୌଡ଼ଙ୍କ ସମେତ ଦିଗପହଣ୍ଡି ଥାନା ପକ୍ଷରୁ ସଶସ୍ତ୍ର ଫୋର୍ସ ମୁତୟନ ଥିଲେ।

# ଦୁର୍ଗମ ଅଞ୍ଚଳରେ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୨୪।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ପର୍ତ୍ତମାହା ପଞ୍ଚାୟତରେ ଶନିବାର ପ୍ରଧାନମନ୍ତ୍ରୀ ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିମନବାଡ଼ି ମା' ପାଟଖଣ୍ଡା ଗ୍ରାମୀଣ ବିତରକ ସଂସ୍ଥା ଅଧକ୍ଷ ଏସ୍.ସୁନୀଲ କୁମାର ସୁବୁଦ୍ଧି ଅଧକ୍ଷତା କରିଥିଲେ। ଏଥିରେ ଏଲପିଜି ବ୍ୟବହାରର ସୁରକ୍ଷିତ ଉପାୟଗୁଡ଼ିକ ସମ୍ପର୍କରେ ମହିଳାଙ୍କୁ ଅବଗତ କରାଯାଇଥିଲା। ସେହିପରି ସରକାରଙ୍କ ଉଜ୍ୱଳା ଯୋଜନାରେ ମହିଳାଙ୍କୁ ଗ୍ୟାସ ମାଗଣା ଯୋଗାଇ ଦିଆଯାଉଛି। ତାକୁ ବ୍ୟବହାର କରାଯିବା ଏବଂ ବ୍ୟବହାର ପାଇଁ ସମସ୍ତ ପ୍ରକାର ତାଲିମ ପ୍ରଦାନ କରାଯିବା ସହ ସିଲିଣ୍ଡରକୁ କିଭଳି ବ୍ୟବହାର କରାଯିବା ସମୟରେ ଠିଆକରି ରଖାଯିବା ସହ ଗ୍ୟାସ ଚୁଲାରୁ ସିଲିଣ୍ଡରର ଦୂରତା ସମ୍ପର୍କରେ କୁହାଯାଇଥିଲା। ସେହିପରି ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଜଙ୍ଗଲରୁ କାଠ କଟା ବନ୍ଦ କରି ରୋଷେଇରେ ରନ୍ଧନ ଗ୍ୟାସକୁ ବ୍ୟାପକ ଭାବେ ବ୍ୟବହାର କରାଯିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇ ଥିଲା। ସେହିପରି ଗ୍ୟାସ ସିଲିଣ୍ଡର ୧୬ କେଜି ସମେତ ୫କେଜି ମଧ୍ୟ ଉପଲବ୍ଧ ହେଉଛି। ଏଣୁ ୫କେଜି ଗ୍ୟାସ ସିଲିଣ୍ଡରରେ ଚୁଲା ମଧ୍ୟ ସାଥିରେ ରହୁଛି। ତାକୁ କିଭଳି ସହଜ ପ୍ରଣାଳୀରେ ବ୍ୟବହାର କରାଯାଇ ପାରିବ ସେ ନେଇ କୁହାଯାଇଥିଲା। ସେହିପରି ଗ୍ୟାସ ବ୍ୟବହାର ସମୟରେ କୌଣସି ପ୍ରକାର ସମସ୍ୟା ହେଲେ କିଭଳି ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଫଗୁ ପ୍ରଧାନଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ୱାର୍ଡ଼ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏଲପିଜି ପଞ୍ଚାୟତ କାର୍ଯ୍ୟକ୍ରମର ଏସ୍‌ଡିପି ( ସୋସିଆଲ ଡେଭଲପମେଣ୍ଟ ପ୍ରଫେସନାଲ)ଜିଲା ସଦସ୍ୟ ବିଭୁପ୍ରସାଦ କର ଯୋଗଦେଇ ରନ୍ଧନ ଗ୍ୟାସ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ବ୍ଲକର ବୁଡାଗୁଡ଼ା, ଗୁମିକିଆରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଡାଗୁଡ଼ା ସରପଞ୍ଚ ନିକିତା ପ୍ରଧାନଙ୍କ ସମେତ ନନ୍ଦିନୀ ମୁଖି, ଲକ୍ଷ୍ମୀରାଣୀ ପ୍ରଧାନ, ସନୀତା ପାତ୍ର, ପୁଷ୍ପଲତା ବେହେର ଦଳାଇଙ୍କ ସମେତ ଶତାଧିକ ମହିଳା, ପୁରୁଷ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଜଣେ ହିତାଧିକାରୀଙ୍କୁ ଗ୍ୟାସଚୁଲା ଦିଆଯାଉଛି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ